## 'ବେଟି ବଚାଓ ବେଟି ପଢାଓ' ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ।

### ଜିଲ୍ଲାରେ ବାଲ୍ୟବିବାହ ନିଷେଧ ଉପରେ ଗୁରୁତ୍ୱ ପ୍ରଦାନ ।

ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ
ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ 'ବେଟି ବଚାଓ ବେଟି ପଢାଓ' ଟାସ୍କଫୋର୍ସ ବୈଠକ
ଅନୁଷ୍ଠିତ ହୋଇଯାଇଛି । ଅଧିକ ବାଲ୍ୟ ବିବାହ ହେଉଥିବା ପଞ୍ଚାୟତକୁ ଚିହ୍ନଟ କରି ଉକ୍ତ
ଅଂଚଳରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି,ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ମାନଂକୁ ବାଲ୍ୟ ବିବାହ
ନିଷେଧ ନିମନ୍ତେ କାର୍ଯ୍ୟକ୍ରମରେ ସାମିଲ କରି ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ
ପରାମର୍ଶ ଦେଇଛନ୍ତି । ବାଲ୍ୟ ବିବାହ ହେଉଥିବା ସ୍ଥାନରେ ଚଢାଉ କରି ଏଫ୍ ଆଇ ଆର କରିବାକୁ
ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଂକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଏଫ୍ ଆଇ ଆରକୁ
ଭିତ୍ତିକରି ସମ୍ପୃକ୍ତ ଏ ପି ପିମାନେ ନିୟମିତ ସମୀକ୍ଷା କରିବେ । ସମସ୍ତ ୱାର୍ଡ ସଭ୍ୟମାନେ ବାଲ୍ୟ
ବିବାହ ହେଉଥିବା ସୂଚନା ତୁରନ୍ତ ପ୍ରଶାସନକୁ ଜଣାଇବେ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।
ଖୁବ୍ ଶିଘ୍ର ସି ଡି ପି ଓ,ସରପଞ୍ଚ ଓ ଗାଁ କଲ୍ୟାଣ ସମିତିର ସଦସ୍ୟ ସଦସ୍ୟାମାନଂକୁ ନେଇ ଜିଲ୍ଲା ଶିଶୁ
ସୁରକ୍ଷା ଅଧିକାରୀଂକ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ କରାଯିବ । କମ୍ ବୟସର ଗର୍ଭବତୀମାନଂକ
ତଥ୍ୟ ଡି ପି ଏମ୍ (ଏନ୍ ଏଚ୍ ଏମ୍) ନିୟମିତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଂକୁ ପ୍ରଦାନ କରିବେ ।
ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ପ୍ରଥାକୁ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ନେବା ନିମନ୍ତେ ଜିଲ୍ଲା
ଶିକ୍ଷା ଅଧିକାରୀଂକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ କାର୍ଯ୍ୟାଳୟର ଏଲ୍ ପି ଓ ଶ୍ରୀ
ପଦିପ ନାୟକ ପାୱାର ପଏଣ୍ଟ ମାଧ୍ୟମରେ ବାଲ୍ୟ ବିବାହ ବନ୍ଦ କରିବା ସମ୍ପର୍କରେ ବିଭିନ୍ନ ତଥ୍ୟ
ପ୍ରଦାନ କରିଥିଲେ । ବୈଠକରେ ୨୦୨୧ ବର୍ଷରେ ଦଶମ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ
ହୋଇଥିବା ପ୍ରଥମ ୧୦ ଜଣ କୃତୀ ଛାତ୍ରୀଂକୁ ବେଟି ବଚାଓ ବେଟି ପଢାଓ ଅଧିନରେ ୫ ହଜାର ଟଂକା
ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ
ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଆଲମା ବରୁଆ, ଜିଲ୍ଲା
ଶିକ୍ଷା ଅଧିକାରୀ ଶ୍ରୀ ନିରଂଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରିଣୀ ସଂନ୍ଧ୍ୟା ମାଝି, ଡି ଏସ୍ ପି
ସୌୟାଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ଡି ପି ସି (ମିଶନ ଶକ୍ତି) ଶ୍ରୀ ବସନ୍ତ କୁମାର ମଲ୍ଲିକ, ଡି ପି ଏମ୍ (ଏନ୍ ଏଚ୍
ଏମ୍) ଶ୍ରୀ ଦିପକ ମହାନ୍ତି, ଆକ୍ସନ ଏଡ୍ର ଜିଲ୍ଲା ସଂଯୋଜକ ଶ୍ରୀ ସନ୍ତୋଷ ବେହେରାଂକ ସମେତ
ବିଭିନ୍ନ ସ୍ୱେଚ୍ଛାସେବୀ ଓ ବିଭାଗୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।




Five Thousand only
District Administration, Angul


ଜିଲ୍ଲାପାଳ • ଅନୁଗୋଳ